# ଭାରତୀୟ ସମ୍ବିଧାନର ପ୍ରସ୍ତୁତି

୨୨.୦୨.୨୦୧୪

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

୨୦.୦୨.୨୦୧୪ ରେ ରାଜ୍ୟସଭାର ବିଧିବଦ୍ଧ ଭାବରେ କାର୍ଯ୍ୟକାଳ ଶେଷ ହେଲା । ଉକ୍ତ ବିଦାୟ କାଳିନ ଅଧିବେଶନରେ 'ସମ୍ବିଧାନ' ନାମକ ଏକ ଧାରାବାହିକ ରାଜ୍ୟ ସଚିବାଳୟ ସମର୍ଥନରେ ଟି.ଭି ରେ ପ୍ରସାରିତ ହେବାକୁ ପ୍ରସ୍ତୁତ ହୋଇଥିଲା । ଉକ୍ତ ଧାରାବାହିକ ଜଣେ ପ୍ରଖ୍ୟାତ ଚଳଚିତ୍ର ନିର୍ମାତା ଓ ରାଜ୍ୟ ସଭାରେ ଆମର ଜଣେ ସହକର୍ମୀ ଶ୍ୟାମ ବେନିଗଲଙ୍କ ଦ୍ୱାରା ନିର୍ଦ୍ଦେଶିତ । ୧୦ଟି ଅଧ୍ୟାୟ ବିଶିଷ୍ଟ ଉକ୍ତ ଧାରାବାହିକର ପ୍ରତି ଅଧ୍ୟାୟର ସମୟ ଅବଧି ୧ ଘଣ୍ଟା । ତାହାକୁ ମୁମ୍ବାଇର ଏକ ଷ୍ଟୁଡ଼ିଓରେ ପ୍ରସ୍ତୁତ କରାଯାଇଅଛି । ସେଥିରେ ସମ୍ବିଧାନ ପ୍ରସ୍ତୁତି କମିଟିର ଅଧ୍ୟକ୍ଷ ଡ଼ଃ ରାଜନ୍ଦ୍ର ପ୍ରସାଦ, ଡ୍ରାଫ୍ଟିଂ କମିଟିର ଅଧ୍ୟକ୍ଷ ଡ଼ଃ ବି.ଆର ଆମ୍ବେଦକର, ଜୱାହରଲାଲ ନେହେରୁ, ସର୍ଦ୍ଦାର ପଟେଲ, ମହମ୍ମଦ ଅଲ୍ଲୀ ଜିନ୍ନା, ଗୋବିନ୍ଦ ବଲ୍ଲବ ପନ୍ତ, ରାଜକୁମାରୀ ଅମ୍ରିତ କୌର, ମୌଲାନା ଆବୁଲ କଲାମ ଆଜାଦ, ଏନ. ଗୋପାଲ ସ୍ୱାମୀ ଆୟାନଗର, ଆଦିଙ୍କ ଭୂମିକାରେ କଳାକାରମାନେ ଅଭିନୟ କରିଛନ୍ତି ।

ମୁଁ ମଧ୍ୟ ଖୁବ ଆକାଂକ୍ଷିତ ଭାବରେ ଉକ୍ତ ଧାରାବାହିକର ସମ୍ପ୍ରସାରଣର ଅପେକ୍ଷାରେ ରହିଅଛି । ରାଜ୍ୟସଭା କୌଣସି ଲାଭ ନରଖି ଉକ୍ତ ଧାରାବାହିକର ସମସ୍ତ ଖର୍ଚ୍ଚ ବହନ କରିଅଛି । ଏହା ଦୂରଦର୍ଶନ ତଥା ସମସ୍ତ ଘରୋଇ ଚ୍ୟାନେଲରେ ସଂପ୍ରସାରିତ ହେବ । ସମସ୍ତ ନିର୍ବାଚିତ ପ୍ରତିନିଧି, ନେତା, ଗଣମାଧ୍ୟମର ବ୍ୟକ୍ତି , ଶିକ୍ଷାବିତ୍ତ, ଛାତ୍ର, ଆଦି ଦେଶର ସବୁକ୍ଷେତ୍ରର ଜନତା ଉକ୍ତ ଧାରାବାହିକକୁ ଦେଖିବା ଜରୁରୀ । ୟୁ-ଟ୍ୟୁବରେ ମଧ୍ୟ ଏହା ଉପଲବ୍ଧ ହେବ ।

ଏହିପରି ଭାବରେ ଦୁଇଟି ଧାରାବାହିକ 'ପ୍ରଧାନମନ୍ତ୍ରୀ' ଓ 'ସମ୍ବିଧାନ' ମାଧ୍ୟମରେ ସର୍ବସାଧାରଣଙ୍କୁ ଦେଶର ରାଜନୀତି ସମ୍ପର୍କରେ ଅବଗତ କରାଇବା ହେଉଛି ରାଜ୍ୟସଭାର ଲକ୍ଷ୍ୟ । ଆଶା କରୁ କି, ଏହା ମାଧ୍ୟମରେ ଜନତା ରାଜନୀତି ସମ୍ପର୍କରେ ଜାଣିବା ସହ ଏହା ଜନତାଙ୍କ ପାଖରେ ବେଶ ଆଦୃତ ହୋଇ ଏକ ନୂତନ ଇତିହାସ ସୃଷ୍ଟି କରିବ ।